# ସିଭି ରମଣ କଲେଜରେ 'ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ୍'

ଭୁବନେଶ୍ୱର,୨ ।୩(ନି.ପ୍ର.) : ଦେଶର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସମସ୍ତ ଏଆଇସିଟିଇ ଅନୁମୋଦିତ ଅନୁଷ୍ଠାନଗୁଡ଼ିକ ପାଇଁ ଆୟୋଜିତ ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନର ଗ୍ରାଣ୍ଡ ଫିନାଲେ ଏପ୍ରିଲ ୧ ଓ ୨ ତାରିଖ ଦୁଇ ଦିନ ଧରି ଭୁବନେଶ୍ୱରସ୍ଥିତ ସିଭି ରମଣ କଲେଜ ଅଫ୍ ଇଞ୍ଜିନିୟରିଂରେ ଆୟୋଜନ କରାଯାଇଛି । ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ ହେଉଛି ଏକ ୩୬ ଘଣ୍ଟିଆ ନନ୍‌ଷ୍ଟପ କାର୍ଯ୍ୟକ୍ରମ ଯେଉଁଥିରେ ଛାତ୍ରଛାତ୍ରୀମାନେ ଭାଗ ନେଇ ମେକ୍ ଇନ୍ ଇଣ୍ଡିଆ ମିଶନର ମୂଳ ଲକ୍ଷ୍ୟକୁ ହାସଲ କରିପାରିବେ । ଏହା ଏକ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଯେଉଁଥିରେ ଛାତ୍ରଛାତ୍ରୀମାନେ ଭାରତ ସରକାରଙ୍କ ବିଭିନ୍ନ ବିଭାଗର ୬୦୦ ଟି ସମସ୍ୟାର ଡ଼ିଜିଟାଲ ସମାଧାନ କରିବା ଆଶା କରାଯାଉଛି । କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର ଏହି ହ୍ୟାକାଥନ-୨୦୧୭ କାର୍ଯ୍ୟକ୍ରମକୁ ସମସ୍ତ ନୋଡ଼ାଲ କେନ୍ଦ୍ରଗୁଡ଼ିକରେ ଭିଡ଼ିଓ ଭାଷଣ ମାଧ୍ୟମରେ ଶୁଭାରମ୍ଭ କରିବେ । କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଏହି ଫାଇନାଲ ହ୍ୟାକାଥନକୁ ସିଭି ରମଣ କଲେଜ ଅଫ୍ ଇଞ୍ଜିନିୟରିଂରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ନାଲ୍‌କୋ ସିଏମ୍‌ଡି ଡଃ ଟି.କେ. ଚାନ୍ଦ ୨ ତାରିଖରେ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।




## ପହିଲାରୁ ଗ୍ରାଣ୍ଡ ଫିନାଲେ

ଏହି କାର୍ଯ୍ୟକ୍ରମରେ ଦେଶରେ ୪୨,୦୦୦ ରାଜ୍ୟରୁ ୪୦୦ ଛାତ୍ରଛାତ୍ରୀ ସେମାନଙ୍କର ୧୦୦ ପ୍ରଶିକ୍ଷକଙ୍କ ସହ ଯୋଗଦେଇ ନିଜର ନୂଆ ନୂଆ ତଥ୍ୟକୁ ଉପସ୍ଥାପନ କରିବେ । ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ନାସ୍‌କମ୍‌ର ୧୦,୦୦୦ ଷ୍ଟାଟଅପ୍ କାର୍ଯ୍ୟକ୍ରମରେ ଭାଗ ନେବାର ସୁଯୋଗ ମିଳିବା ସଙ୍ଗେ ସଙ୍ଗେ ଅର୍ଥ ରାଶି ପୁରସ୍କାର ଭାବେ ମଧ୍ୟ ପ୍ରଦାନ କରାଯିବ ବୋଲି ଏଠାରେ ଏକ ଖବରଦାତା ସମ୍ମିଳନୀରେ ସି.ଭି. ରମଣ କଲେଜର ଅଧ୍ୟକ୍ଷ ସଞ୍ଜୀବ୍ ରାଉତ୍ କହିଛନ୍ତି ।